# NATIONAL NEWS BULLETIN (ODIA)

## 17 June - 2025

## Morning Bulletin : 7.15 A.M.

*************************************************

## ମୁଖ୍ୟ ସମ୍ବାଦ

- କାନାଡ଼ାରେ ଆଜି ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ୧୨୫ ଜଣ ମୃତକଙ୍କ ଡି.ଏନ୍.ଏ ପରୀକ୍ଷା ଶେଷ ହୋଇଥିବା ସୂଚନା
- ଦେଶରେ ୨ ହଜାରଟି ଗାଡ଼ିଚାଳନା ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି
- ଚାଷ ଅନୁପଯୋଗୀ ହେଉଥିବା ଜମିଗୁଡ଼ିକୁ ପୁନଃବ୍ୟବହାର ଯୋଗ୍ୟ କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ଶୁଷ୍କାଞ୍ଚଳ ଓ ମରୁଡ଼ି ପ୍ରତିରୋଧ ଦିବସ

ଏବଂ

- ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଟିମ୍‌ରେ ସାମିଲ ହେଲେ ଡି.ଦୀପେଶ ଓ ନମନ୍

# ପିଏମ୍-କାନାଡ଼ା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାନାଡ଼ାର କାନାନାସ୍କିସ୍‌ଠାରେ ଆଜି ସନ୍ଧ୍ୟାରେ ଜି-୭ ସମ୍ମିଳନୀରେ ଯୋଗଦେବେ। ଏହାକୁ ମିଶାଇ ଶ୍ରୀ ମୋଦୀ କ୍ରମାଗତ ଭାବେ ଷଷ୍ଠଥର ଲାଗି ଜି-୭ ସମ୍ମିଳନୀରେ ଯୋଗ ଦେଉଛନ୍ତି। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ଦୁଇଦିନିଆ କାନାଡ଼ା ଗସ୍ତ କରିଛନ୍ତି। ଏହି ସମ୍ମିଳନୀ କାଳରେ ଶ୍ରୀ ମୋଦୀ ଅନେକଗୁଡ଼ିଏ ଦ୍ୱିପକ୍ଷୀୟ ବୈଠକରେ ଯୋଗଦେଇ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ସମସ୍ୟା ଉପରେ ଆଲୋଚନା କରିବେ। ବିଶ୍ୱ ଅର୍ଥନୈତିକ ତଥା ଭୂ-ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ଲାଗି ଫ୍ରାନ୍ସ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, ଜର୍ମାନୀ, ଜାପାନ, ଇଟାଲୀ, କାନାଡ଼ା ଓ ୟୁରୋପୀୟ ସଂଘକୁ ନେଇ ଗଠିତ ଜି-ସେଭେନ୍ ମଞ୍ଚର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥାଏ । ଗତ କିଛି ବର୍ଷ ଧରି ଭାରତକୁ ଏହି ସମ୍ମିଳନୀରେ ଯୋଗଦେବା ଲାଗି ନିୟମିତ ଭାବେ ନିମନ୍ତ୍ରଣ କରାଯାଇ ଆସୁଛି ।

ବିଶ୍ୱର ୭ଟି ଦେଶକୁ ନେଇ ଗଠିତ ଜି-୭ରେ ଫ୍ରାନ୍ସ, ଆମେରିକା, ଇଂଲଣ୍ଡ, ଜର୍ମାନୀ, ଜାପାନ, ଇଟାଲୀ ଏବଂ କାନାଡ଼ା ଓ ୟୁରୋପୀୟ ମହାସଂଘ ସଦସ୍ୟ ଅଛନ୍ତି।

ଚଳିତ ବର୍ଷ ଜି-୭ ସମ୍ମିଳନୀରେ ବିଶ୍ୱ ଏବଂ ବିଶ୍ୱର ବିଭିନ୍ନ ସମ୍ପ୍ରଦାୟର ସୁରକ୍ଷା, ଶକ୍ତି ସୁରକ୍ଷା ଏବଂ ଡିଜିଟାଲ ପରିବର୍ତ୍ତନ ଉଦ୍ଦେଶ୍ୟରେ ଦେଶଗୁଡ଼ିକ ମଧ୍ୟରେ ଭାଗିଦାରିତା ସମ୍ପର୍କରେ ଆଲୋଚନା କରାଯିବ। ଭାରତକୁ

ପ୍ରତ୍ୟେକଥର ଜି-୭ ସମ୍ମିଳନୀରେ ଯୋଗଦେବା ଲାଗି ନିମନ୍ତ୍ରଣ କରାଯାଉଛି । ପ୍ରଧାନମନ୍ତ୍ରୀ ମୋଦୀ ଆଜିର ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତା, ଶକ୍ତି ଏବଂ ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

# ସାଇପ୍ରସ-ପିଏମ୍ ଟକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସାଇପ୍ରସ ପ୍ରତିପକ୍ଷ ଆତଙ୍କବାଦ ଏବଂ ଉଗ୍ରବାଦ କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ଏହାର ମୁକାବିଲା କରିବା ଦିଗରେ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ଶ୍ରୀ ମୋଦୀ ଗତକାଲି ସାଇପ୍ରସ ଗସ୍ତ ଅବସରରେ ବିଶ୍ୱରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ସହ ପରସ୍ପରର ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ସମ୍ମାନ ଦେବା ଲାଗି କହିଛନ୍ତି। ସେହିଭଳି ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ବିନାଶ କରିବା, ଏଥିଲାଗି ପାଣ୍ଠି ଯୋଗାଣ ବନ୍ଦ କରିବା ସହିତ ସେମାନଙ୍କୁ ଆଶ୍ରୟ ନ ଦେବା ଏବଂ ଦୋଷୀକୁ ଦଣ୍ଡଦେବା ଦିଗରେ ସହାୟତା କରିବା ଲାଗି ଘୋଷଣାପତ୍ରରେ କୁହାଯାଇଛି ।

**V/O PM-MODI-CYPRUS-ON-CROSS-BORDER-TERRORISM**

ନିକୋସିଆ ସ୍ଥିତ ସାଇପ୍ରସର ପ୍ରେସିଡେଣ୍ଟସିଆଲ୍ ପ୍ୟାଲେସ୍ ଠାରେ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲିଡସ୍‌ଙ୍କ ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି, ସାଇପ୍ରସର ଭିଜନ୍ ୨୦୩୫ ଏବଂ ଭାରତର ବିକଶିତ ଭାରତ ୨୦୪୭ ମଧ୍ୟରେ ଅନେକ ସମାନତା ରହିଛି ।

**V/O PM-MODI-ON-VIKASHIT BHARAT**

## ଗୁଜୁରାଟ- ଡିଏନ୍‌ଏ ଟେଷ୍ଟ

ଗୁଜୁରାଟ ସ୍ୱାସ୍ଥ୍ୟମନ୍ତ୍ରୀ ରୁଷିକେଶ ପଟେଲ କହିଛନ୍ତି, ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ୧୨୫ ଜଣ ମୃତକଙ୍କ ଡି.ଏନ୍.ଏ ପରୀକ୍ଷା ଶେଷ ହୋଇଛି । ସେମାନଙ୍କ ମଧ୍ୟରୁ ୮୩ ଜଣଙ୍କ ମୃତଦେହ ସେମାନଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି। ସାମାଜିକ ଗଣମାଧମ ପୋଷ୍ଟରେ ମନ୍ତ୍ରୀ କହିଛନ୍ତି, ଆବଶ୍ୟକୀୟ ପ୍ରକ୍ରିୟା ଶେଷ ହେବାପରେ ଅବଶିଷ୍ଟ ମୃତଦେହ ଗୁଡ଼ିକୁ ହସ୍ତାନ୍ତର କରାଯିବ। ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସଂସ୍ଥାଗୁଡ଼ିକ ମିଳିତ ଭାବେ ଡି.ଏନ୍.ଏ. ପରୀକ୍ଷା ଓ ଚିହ୍ନଟ କାର୍ଯ୍ୟ ଶୀଘ୍ର ଶେଷ କରିବା ଲାଗି ଉଦ୍ୟମ କରୁଛନ୍ତି। ଇତିମଧ୍ୟରେ ଗୁଜୁରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କର ଗତକାଲି ରାଜକୋଟଠାରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

## ଗଡ଼କରୀ- ରୋଡ୍

ଦେଶର ବିଭିନ୍ନ ସ୍ଥାନରେ ୨ ହଜାରଟି ଗାଡ଼ି ଚାଳନା ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ କାର୍ଯକ୍ରମରେ ଯୋଗଦେଇ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ଦେଶର ପଛୁଆ ଏବଂ ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକରେ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବ। ଯାହାଫଳରେ ଯୁବକମାନଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେ କହିଛନ୍ତି, ଦେଶରେ ପ୍ରାୟ ୨୨ ଲକ୍ଷ ଗାଡ଼ିଚାଳକଙ୍କ ଅଭାବ ରହିଛି। ଏହି ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକ ସ୍ଥାପନ ହେବା ଫଳରେ ଦେଶରେ ଉତ୍ତମମାନର ଚାଳକ ସୃଷ୍ଟି ହୋଇପାରିବେ ବୋଲି ସେ

କହିଛନ୍ତି । ଅନ୍ୟପକ୍ଷରେ ଦୁର୍ଘଟଣା ହାର କମ୍ କରିବା ଲାଗି ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ ଜନସାଧାରଣ ଟ୍ରାଫିକ ନିୟମ ଅନୁପାଳନ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି ।

# ୱାର୍ଲଡ- ଡେ ଟୁ କମ୍ବାଟ୍ ଡିସାର୍ଟିଫିକେସନ୍

ବିଶ୍ୱରେ ଦିନକୁ ଦିନ ବିଭିନ୍ନ କାରଣରୁ ଅବକ୍ଷୟ ଓ ଚାଷ ଅନୁପଯୋଗୀ ହେଉଥିବା ଜମିଗୁଡ଼ିକୁ ପୁଣି ବ୍ୟବହାର ଯୋଗ୍ୟ କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ଶୁଷ୍କାଞ୍ଚଳ ଓ ମରୁଡ଼ି ପ୍ରତିରୋଧ ଦିବସ । ପ୍ରତିବର୍ଷ ବିଶ୍ୱର ୧୦ ଲକ୍ଷ ବର୍ଗ କିଲୋମିଟରରୁ ଅଧିକ ଜମି ଅନୁପଯୋଗୀ ହେବା ସହ ଜୈବବିବିଧତା ଲୋପ ପାଇଯାଉଛି । ଫଳରେ ବିଭିନ୍ନ ଅଞ୍ଚଳରେ ମରୁଡ଼ି ଦେଖାଯାଉଛି । ହଜାର ହଜାର ଲୋକ ଭିଟାମାଟି ଓ ଜୀବିକା ହରାଉଛନ୍ତି । ଖାଦ୍ୟଶସ୍ୟର ମୂଲ୍ୟବୃଦ୍ଧି ପାଇବା ସହ ବିସ୍ଥାପନ ଭଳି ସମସ୍ୟା ଦେଖାଦେଉଛି । ଏହାର ପ୍ରଭାବ ସାରା ବିଶ୍ୱ ଉପରେ ପଡୁଛି । ଜାତିସଂଘ ପକ୍ଷରୁ ଏଭଳି ସମସ୍ୟାର ମୁକାବିଲା ନିମନ୍ତେ ପଦକ୍ଷେପ ନିଆଯାଉଛି ।

୧୯୯୪ ମସିହାରେ ଜାତିସଂଘର ସାଧାରଣ ଅଧିବେଶନରେ ପ୍ରସ୍ତାବ ପାରିତ ହେବା ପରେ ପ୍ରତିବର୍ଷ ଜୁନ୍ ୧୭ ତାରିଖକୁ ବିଶ୍ୱ ଶୁଷ୍କାଞ୍ଚଳ ଓ ମରୁଡ଼ି ପ୍ରତିରୋଧ ଦିବସ ଭାବେ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଅବକ୍ଷୟ ଜମିକୁ ପୂର୍ବସ୍ଥିତିକୁ ଫେରାଇ ଆଣିବା ଏବଂ ନୂତନ ଉପାୟ ବାହାର କରିବା' ।

ଏହି ଅଭିଯାନର ଲକ୍ଷ୍ୟ ହେଉଛି ୨୦୩୦ ମସିହା ସୁଦ୍ଧା ୧୫୦ ହେକ୍ଟର ଅନୁପଯୋଗୀ ଜମିକୁ ପୁନଃସ୍ଥାପନ କରିବା ଏବଂ ବିକଶିତ ଅର୍ଥନୀତି ପାଇଁ ଉପାୟ ବାହାର କରିବା। ଜଳବାୟୁ ପରିବର୍ତ୍ତନ ଜନିତ ଆହ୍ୱାନଗୁଡ଼ିକର ମୁକାବିଲା ଲାଗି ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଫଳରେ ଜମିର ଉତ୍ପାଦକତା ବୃଦ୍ଧି ପାଇବା ସହ ଗ୍ରାମୀଣ ଅର୍ଥନୀତି ବିକାଶରେ ସହାୟକ ହୋଇପାରିବ ବୋଲି କୁହାଯାଇଛି।

ଏହି ଦିବସରେ ଆଜି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏବଂ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଯୋଧପୁରଠାରେ ଏକ ଜାତୀୟ କର୍ମଶାଳାର ଉଦ୍‌ଘାଟନ କରିବେ। ଏଥିରେ ୨୦୨୫ ସୁଦ୍ଧା ଅନୁପଯୋଗୀ ଜମିକୁ ପୂର୍ବ ସ୍ଥିତିକୁ ଫେରାଇ ଆଣିବା ଲାଗି ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯିବ।

## ଇରାନ୍-ଇସ୍ରାଏଲ କନଫ୍ଲିଟ୍

ଇରାନ୍‌ର ଜାତୀୟ ପ୍ରସାରଣକାରୀ ସଂସ୍ଥା ଇସ୍‌ଲାମିକ ରିପବ୍ଲିକ ଅଫ୍ ଇରାନ୍ ବ୍ରଡକାଷ୍ଟିଂ ଉପରେ ଇସ୍ରାଏଲ ସେନା ପକ୍ଷରୁ ଆକ୍ରମଣ କରାଯାଇଛି। ଇସ୍ରାଏଲ ଉପରେ ଇରାନ୍‌ର ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଏହି ଆକ୍ରମଣ କରାଯାଇଥିବା କୁହାଯାଇଛି। ଉଭୟ ପକ୍ଷରୁ ଭିତ୍ତିଭୂମି ଉପରେ ଆକ୍ରମଣ କରିବା ତୀବ୍ରତର ହେଉଥିବା ଜଣାପଡ଼ିଛି।

ଗତକାଲି ଇରାନ୍ ପକ୍ଷରୁ ଇସ୍ରାଏଲର ତେଲ୍ ଆଭିଭ୍ ଏବଂ ବନ୍ଦର ସହର ହାଇଫା ଉପରେ ଆକ୍ରମଣ କରାଯାଇଥିଲା। ଏଥିରେ ଅନେକ ବାସଗୃହ ଧ୍ୱଂସ

ପାଇବା ସହ ଅନେକ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଦୁଇ ଦେଶ ମଧ୍ୟରେ ଆକ୍ରମଣ ଚତୁର୍ଥ ଦିନରେ ପହଁଞ୍ଚିଛି। ଏହାର ଜବାବରେ ଇସ୍ରାଏଲ ସେନା ଇରାନ୍‌ର ଜାତୀୟ ଗଣମାଧ୍ୟମ ସଂସ୍ଥା ଉପରେ ଆକ୍ରମଣ କରାଯାଇଛି। ଇରାନ୍‌ର ଗଣମାଧ୍ୟମ ସଂସ୍ଥାର କାର୍ଯ୍ୟକ୍ରମ ଚାଲିଥିବା ବେଳେ ଆକ୍ରମଣ ଘଟିଥିଲା। ଏଭଳି ଘଟଣା ନେଇ ବିଶ୍ୱର ନେତୃବୃନ୍ଦଙ୍କ ମଧ୍ୟରେ ଚିନ୍ତାପ୍ରକଟ କରାଯାଇଛି। ଅନ୍ୟପକ୍ଷରେ ତେହରାନ୍ ପକ୍ଷରୁ କତାର, ସାଉଦି ଆରବ ଏବଂ ଓମାନ ଭଳି ଦେଶକୁ ଆମେରିକା ଉପରେ ଚାପ ପ୍ରୟୋଗ ଲାଗି ଉଦ୍ୟମ କରାଯାଉଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ’ ଇସ୍ରାଏଲକୁ ଅସ୍ତ୍ରବିରତି ଲାଗି ତୁରନ୍ତ ରାଜି କରାଇବାକୁ ଉଦ୍ୟମ କରିବା ଲାଗି ସମ୍ପୃକ୍ତ ଦେଶଗୁଡ଼ିକୁ ଇରାନ୍ ପକ୍ଷରୁ କୁହାଯାଇଛି। ଉଭୟ ଦେଶ ମଧ୍ୟରେ ଦେଖା ଦେଇଥିବା ବିବାଦ ଏବଂ ଆକ୍ରମଣ-ପ୍ରତିଆକ୍ରମଣ ରୋକିବା ଲାଗି କୂଟନୈତିକ ସ୍ତରରେ ଜୋରଦାର ଉଦ୍ୟମ କରାଯାଉଛି।

## କ୍ରିକେଟ- ଇଣ୍ଡିଆ ଅଣ୍ଡର-୧୯

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ- ବି.ସି.ସି.ଆଇ. ଆସନ୍ତା ଇଂଲଣ୍ଡ ଗସ୍ତ ପାଇଁ ଗଠିତ ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳରେ କେତେକ ପରିବର୍ତ୍ତନ କରିଛି। ଆଦିତ୍ୟ ରାଣାଙ୍କ ସ୍ଥାନରେ ଡି.ଦୀପେଶଙ୍କୁ ଦଳରେ ସାମିଲ କରାଯାଇଥିବା ବେଳେ ନମନଙ୍କୁ ଖିଲାନ ପଟେଲଙ୍କ ବଦଳରେ ନିଆଯାଇଛି। ଉଭୟ ଦୀପେଶ ଏବଂ ନମନ ଦଳରେ ଅତିରିକ୍ତ ଖେଳାଳି ଭାବେ ସ୍ଥାନ ପାଇଥିଲେ। ଆଦିତ୍ୟ ଏବଂ ଖିଲାନ୍ ଅସୁସ୍ଥ ଥିବାରୁ ଏହି

ପଦକ୍ଷେପ ଗ୍ରହଣ କରାଯାଇଛି। ଆୟୁଷ ମାହାତ୍ରେଙ୍କ ନେତୃତ୍ୱାଧୀନ ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଟିମ୍ ଆସନ୍ତା ୨୭ରେ ଇଂଲଣ୍ଡ ବିରୁଦ୍ଧରେ ପ୍ରଥମ ଏକଦିବସୀୟ ମ୍ୟାଚ୍ ଖେଳିବ। ଏହି ପର୍ଯ୍ୟାୟରେ ୫ଟି ଏକଦିବସୀୟ ଏବଂ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳାଯିବ।

# ଫୁଟବଲ ଇଣ୍ଡିଆ ଅଣ୍ଡର-୨୩

ଭାରତର ୨୩ ବର୍ଷରୁ କମ୍ ପୁରୁଷ ଫୁଟବଲ ଦଳର ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ଦଳର ମୁଖ୍ୟ ପ୍ରଶିକ୍ଷଣ ନୌସାଦ ମୁଷା' ତାଜାକିସ୍ତାନ ଏବଂ କାର୍ଗିଜ ସହ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଲାଗି ଖେଳାଳି ତାଲିକା ଘୋଷଣା କରିଛନ୍ତି। ଆସନ୍ତାକାଲି ତାଜାକିସ୍ତାନର ହିସୋର କେନ୍ଦ୍ରୀୟ ଷ୍ଟାଡିୟମରେ ରାତି ୮ଟା ୩୦ ମିନିଟ୍‌ରେ ତାଜାକିସ୍ତାନ ସହ ଭାରତ ମ୍ୟାଚ୍ ଖେଳିବ। ସେହିପରି ଜୁନ୍ ୨୧ରେ କାର୍ଗିଜ୍ ସହ ଭାରତର ମୁକାବିଲା ହେବ।

ଅନ୍ୟପକ୍ଷରେ ସିନିୟର ମହିଳା ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରିସପିନ୍ ଛେତ୍ରୀ ୨୪ ଜଣିଆ ଖେଳାଳି ତାଲିକା ଘୋଷଣା କରିଛନ୍ତି। ଏସିଆ କପ୍ ଅଷ୍ଟ୍ରେଲିଆ-୨୦୨୬ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଏହି ଦଳ ଥାଇଲାଣ୍ଡ ଗସ୍ତ କରିବ। ସେଠାରେ ଚଳିତ ମାସ ୨୩ରେ ମଙ୍ଗୋଲିଆ ସହ ମୁକାବିଲା ହେବାକୁ ଥିବାବେଳେ ୨୯ରେ ତିମୋର, ଲେସ୍ତେ, ଜୁଲାଇ ୨ରେ ଇରାକ୍ ଏବଂ ଜୁଲାଇ ୫ରେ ଥାଇଲାଣ୍ଡ ସହ ଭାରତ ମ୍ୟାଚ୍ ଖେଳିବ।

# କ୍ରିକେଟ୍ ଓ୍ୱାର୍ଲ୍ଡକପ୍

ଆଇସିସି ମହିଳା ଏକଦିବସୀୟ ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟ ୨୦୨୫ ସେପ୍ଟେମ୍ବର ୩୦ ତାରିଖରୁ ଆରମ୍ଭ ହେବ ବୋଲି ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ – ଆଇ.ସି.ସି. ଘୋଷଣା କରିଛି । ମିଳିଥିବା ସୂଚନା ଅନୁଯାୟୀ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଆୟୋଜନ କରିବା ଲାଗି ଭାରତକୁ ବିଧିବଦ୍ଧ ଭାବେ ଅନୁମତି ମିଳିଛି । ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ପାକିସ୍ତାନର ସମସ୍ତ ମ୍ୟାଚ୍ ଗୁଡ଼ିକୁ ଶ୍ରୀଲଙ୍କାରେ ଖେଳାଯିବା ଲାଗି ନିଷ୍ପତ୍ତି ନିଆଯାଇଛି । ଏହାକୁ ମିଶାଇ ଭାରତ ଚତୁର୍ଥଥର ଏବଂ ୨୦୧୩ ପରେ ପ୍ରଥମଥର ଲାଗି ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଛି । ସେପ୍ଟେମ୍ବର ୩୦ରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଶ୍ରୀଲଙ୍କା ବିପକ୍ଷରେ ଏହାର ଅଭିଯାନ ଆରମ୍ଭ କରିବ । ସେହିପରି ଏହାର ଚିରପ୍ରତିଦ୍ୱନ୍ଦ୍ୱି ପାକିସ୍ତାନକୁ ଭାରତ  ଅକ୍ଟୋବର ୫ ତାରିଖ ଦିନ କଲମ୍ବୋର ଆର୍. ପେମଦାସା ଷ୍ଟାଡିୟମ୍‌ରେ ଭେଟିବ ବୋଲି ଜଣାଯାଇଛି । ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନକୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ନଭେମ୍ବର ୨ ତାରିଖରେ ଅନୁଷ୍ଠିତ ହେବ ।